بسم الله الرحمٰن الرحیم

**ଖୁତ୍‌ବା ଜୁମା ୧୯ ଫେବୃଆରୀ ୨୦୨୧ରେ ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

**ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍‌ର ଗୋଟିଏ ବୈଶିଷ୍ଟ୍ୟ ଏହିକି ଯେ, ସେ ପ୍ରକାଶ୍ୟ ଓ ପ୍ରଚ୍ଛନ୍ନ ଜ୍ଞାନରେ ପୂରିତ ହୋଇଥିବ । ଏହି ପରି ପ୍ରେକ୍ଷୀରେ ହୁଜୁର ଅନୱର୍ ଅ.ବଙ୍କ ଚାତୁର୍ଯ୍ୟତାପୂର୍ଣ୍ଣ ଖୁତ୍‌ବା।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ୨୦ ଫେବୃୟାରୀର ଦିନ ଜମାଅତ୍‌ରେ ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍ ଅର୍ଥାତ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଭବିଷ୍ୟବାଣୀକୁ ସ୍ମରଣ ରଖା ଯାଇଥାଏ । ଏହା ଏକ ସୁଦୀର୍ଘ ଭବିଷ୍ୟତବାଣୀ ଅଟେ । ଯେଉଁ ବିଶେଷତା ଗୁଡ଼ିକ ହ. ମସିହ୍ ମଉଦ୍ ଅ.ସଙ୍କ ସୁପୁତ୍ରଙ୍କ ସଂପର୍କିତ ଭବ୍ୟ ଭବିଷ୍ୟତବାଣୀ ସମ୍ବଳିତ ଥିଲା, ତାହା ଆପଣ ଆମମାନଙ୍କୁ ଅବଗତ କରାଇଥିଲେ । ଏକେଶ୍ୱରବାଦ ବିଷୟରେ ୧୪ ବର୍ଷ ବୟସରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଜଲ୍‌ସା ସାଲାନାରେ ଏକ ବକ୍ତୃତା ଦେଲେ ଯାହାର ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ମଧ୍ୟ ପ୍ରଶଂସା କଲେ ଏବଂ କହିଲେ ହ. ମୁସ୍‌ଲେହ୍ ମଉଦ୍ (ମିଆଁ ସାହେବ) ଅତ୍ୟନ୍ତ ନୂତନ ନୂତନ ରହସ୍ୟକୁ ଉନ୍ମୋଚିତ କରିଛନ୍ତି ।

୧୯୦୭ ମସିହା ମାର୍ଚ୍ଚ ମସିହାରେ ଯେତେବେଳେ ଆପଣଙ୍କୁ କେବଳ ୧୮ ବର୍ଷ ବୟସ ପୂରିଥିଲା, ସେତେବେଳେ ଆପଣ **'ମୁହବ୍‌ବତେ ଇଲାହୀ'** ଶୀର୍ଷକରେ ଅତୁଳନୀୟ ପ୍ରବନ୍ଧ ରଚନା କରିଥିଲେ, ଯାହା ପରବର୍ତ୍ତୀ ସମୟରେ ପୁସ୍ତକ ଆକାରରେ ପ୍ରକାଶ ପାଇଥିଲା । ଉକ୍ତ ବିଷୟରୁ ହିଁ ଏହା ସ୍ପଷ୍ଟ ହୋଇଯାଏ ଯେ, ଅଲ୍ଲାଃତାଲା କିଭଳି ବାଲ୍ୟ କାଳରେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କୁ ପ୍ରକାଶ୍ୟ ଏବଂ ପ୍ରଚ୍ଛନ୍ନ ଜ୍ଞାନରେ ପୂରିତ କରିବା ଆରମ୍ଭ କଲେ । ସେ ଅର୍ଥାତ୍ ହ. ମୁସଲେହ୍ ମଉଦ୍ ର.ଅ କହିଲେ ଅଲ୍ଲାଃତାଲା ମନୁଷ୍ୟକୁ ପ୍ରେମ ପାଇଁ ସୃଷ୍ଟି କରିଛନ୍ତି ଏବଂ ତାଙ୍କ ସୃଷ୍ଟି କରିବାର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ ଏହା ହିଁ ଯେ, ଅଲ୍ଲାଃତାଲାଙ୍କ ପ୍ରେମରେ ମଜ୍ଜି, ସେହି ସାର୍ବକାଳିକ ଜୀବନ ପ୍ରଦାନକାରୀଙ୍କ ସମୁଦ୍ରରେ ସର୍ବଦା ବୁଡ଼ ପକାଉଥିବ । ସେହି ଚିରକାଳ ଜୀବନ ହେଉଛି ପରକାଳର ଜୀବନ । ପ୍ରେମ ଯୋଗୁଁ ହିଁ ମନୁଷ୍ୟ ପାପ ଠାରୁ ସୁରକ୍ଷିତ ରହିଥାଏ ଏବଂ ତା'ର ସ୍ତରରେ ମଧ୍ୟ ଉନ୍ନତି ଘଟିଥାଏ ଏବଂ ପ୍ରେମ ହିଁ ଈଶ୍ୱରଙ୍କୁ ଚିହ୍ନିବାର ପ୍ରମୁଖ କାରଣ ହୋଇଥାଏ ।

ପରିଶେଷରେ ହୁଜୁର ର.ଅ କହିଲେ କେବଳ ଇସ୍‌ଲାମ୍‌ର ଉପସ୍ଥାପିତ ଈଶ୍ୱର ହିଁ ଐଶୀବାଣୀ ଏବଂ ଦେବବାଣୀ ଦ୍ୱାରା ମୁନଷ୍ୟର ଆଜି ମଧ୍ୟ ମାର୍ଗଦର୍ଶନ କରନ୍ତି, ଯେଉଁଭଳି ସେ ପୂର୍ବେ ଲୋକମାନଙ୍କର ମାର୍ଗଦର୍ଶନ କରୁଥିଲେ ଏବଂ ଜଣେ ଜୀବିତ ଈଶ୍ୱରଙ୍କର ଏହା ହିଁ ଏକ ବଳିଷ୍ଠ ପ୍ରମାଣ ଅଟେ । ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଈଶ୍ୱର ପ୍ରେମ ଶବ୍ଦକୁ ଯେତେଥର ବିଚାର କରେ ସେତେ ଥର ମନରେ ଏକ ବିଶେଷ ପ୍ରକାରର ତୃପ୍ତି ଏବଂ ଆନନ୍ଦ ଲଭିଥାଏ କି ଇସ୍‌ଲାମ୍ ଧର୍ମ କେତେ ସରସ ସୁନ୍ଦର ଏବଂ ମନୋହର ଧର୍ମ ଯାହାକି ଆମମାନଙ୍କୁ ଏଭଳି ନେମତ୍ (ପ୍ରତିଫଳ) ଆଡ଼କୁ ମାର୍ଗଦର୍ଶନ କରିଛନ୍ତି ଯଦ୍ୱାରା ଆମମାନଙ୍କର ମନ ଆଲୋକମୟ ଏବଂ ଆମମାନଙ୍କର ଚିନ୍ତା ଓ ଚେତନା ମଧ୍ୟ ଅଲୋକମୟ ହୋଇଥାଏ । ଇସ୍‌ଲାମ୍‌ର ଶିକ୍ଷା ଆମର ଆହତ ମନ ପାଇଁ ଏକ ମଲମ ପରି କାର୍ଯ୍ୟ କରିଥାଏ ଏବଂ ଯଦି ଇସ୍‌ଲାମ୍ ଧର୍ମ ଏହି ଧରାପୃଷ୍ଠରେ ନ ଥାଆନ୍ତା ତାହାହେଲେ ଭକ୍ତମାନେ ଜୀବନ୍ତ ହିଁ ପ୍ରାଣ ହରାଇ ଦେଇଥାନ୍ତେ ଏବଂ ସେହି ଭକ୍ତମାନେ ଯାହାଙ୍କ ମନରେ ପ୍ରେମର ଅଭିଳାଷା ଥାଏ ତାଙ୍କର ଅଣ୍ଟା ମଧ୍ୟ ଭାଙ୍ଗି ଯାଇଥାଆନ୍ତା।

ହଜରତ ମୁସ୍‌ଲେହ୍ ମଉଦ୍ ର.ଅ ୧୯୦୮ ମସିହା ଡ଼ିସେମ୍ବର ମାସ ୨୮ ତାରିଖ ଦିନ ଜଲ୍‌ସା ସାଲାନାରେ ଏକ ସାରଗର୍ଭକ ଉଦ୍‌ବୋଧନ ଦେଇ କହିଲେ ଯେ, **"ଆମମାନେ କିଭଳି ସଫଳ ହୋଇପାରିବା ?"** ଏହି ପ୍ରସଙ୍ଗ ଉପରେ ଯେତେବେଳେ ଆପଣ ବକ୍ତୃତା ପରିବେଷଣ କରୁଥିଲେ ସେତେବେଳେ ଆପଣଙ୍କୁ ମାତ୍ର ୧୯ ବର୍ଷ ପୂରିଥିଲା । ଏତଦ୍‌ପଶ୍ଚାତ କହିଲେ ପ୍ରତ୍ୟେକ ବ୍ୟକ୍ତିକୁ ଏହା ଚିନ୍ତା କରିବା ଉଚିତ ଯେ, ଅଲ୍ଲାଃତାଲା ମୋତେ କାହିଁକି ଜନ୍ମ ଦେଇଛନ୍ତି ଏବଂ ମୃତ୍ୟୁ ଅବଶ୍ୟାମ୍ଭୀ, ତେବେ ଦେଖିବା ଉଚିତ୍ ଯେ, ମୃତ୍ୟୁ ପରେ ମନୁଷ୍ୟର କ'ଣ ଅବସ୍ଥା ହେବ ? ଅତଏବ୍ ମନୁଷ୍ୟ ଯେତେବେଳେ ଏକ କ୍ଷଣଭଙ୍ଗୁର ଜୀବନ ପାଇଁ ଏତେ ଚେଷ୍ଟା କରେ ଏବଂ ବିଭିନ୍ନ କୌଶଳ ଓ ଉପାୟ ଅବଲମ୍ବନ

କରିଥାଏ । ତେବେ ସେହି ପରକାଳର ଜୀବନ ଯାହାକି ଅସୀମ ଅଟେ । ସେଥିପାଇଁ ଆମେ କି କି ପ୍ରସ୍ତୁତି ଚଳାଇଛୁ ? ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଟେ । ପବିତ୍ର କୁରଆନ କରୀମ୍‌ର ଶିକ୍ଷାନୁଯାୟୀ ହ. ମୁସ୍‌ଲେହ୍ ମଓଉଦ୍ ର.ଅ ବ୍ୟାଖ୍ୟା କରି କହନ୍ତି ଯେ, ମନୁଷ୍ୟ ଯେତେବେଳେ କୌଣସି ଚୁକ୍ତି କରିବାକୁ ଲାଗେ ସେତେବେଳେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିଥାଏ ଏବଂ ସର୍ବଦା ତାହା ହିଁ କ୍ରୟ କରିଥାଏ ଯାହା ତାହା ପାଇଁ ଉପାଦେୟ ଏବଂ ଲାଭଦାୟକ ହେବ । ଅତଏବ୍ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଯେ, ଯେଉଁ ବ୍ୟକ୍ତି ଏପରି ବ୍ୟବସାୟ ନକରେ, ଯେଉଁ ବ୍ୟବସାୟରେ କେବଳ ଲକ୍ଷାଧିକ ଏବଂ ଉର୍ଦ୍ଧ୍ୱକୋଟି ନୁହେଁ ବରଂ ଅସୀମ ଲାଭ ରହିଥିବ ।

ପୁନଶ୍ଚ ହ. ମୁସ୍‌ଲେହ୍ ମଓଉଦ୍ ର.ଅ ନିଜ ଖିଲାଫତ୍‌ର ଦ୍ୱିତୀୟ ବର୍ଷ ଅର୍ଥାତ ୧୯୧୬ ମସିହାର ଜଲ୍‌ସା ସାଲାନାରେ ଏକ ବିଷୟ ଉପରେ ଜମାଅତ୍‌ର ସଦସ୍ୟଙ୍କୁ ଅତ୍ୟନ୍ତ ଅଭିନବ ତଥା ହୃଦୟସ୍ପର୍ଶୀ ଉପାୟରେ ପରମେଶ୍ୱରଙ୍କର ଭବ୍ୟତା ଓ ତତ୍‌ସଂକ୍ରାନ୍ତୀୟ ଉଦ୍‌ବୋଧନ ଦେଇ କହିଲେ ଯେ, ଈଶ୍ୱର ଚର୍ଚ୍ଚାରୁ ଯଥାର୍ଥ ଏହା ଯେ, ତାଙ୍କର ଆବଶ୍ୟକତା, ତାଙ୍କର କିସମ ଏବଂ ଉପାଦେୟତା ଉପରେ ଆଲୋକପାତ କରିବା । ହ. ମୁସ୍‌ଲେହ୍ ମଓଉଦ୍ ର.ଅ ସ୍ପଷ୍ଟୀକରଣ କଲେ ଯେ, ଚର୍ଚ୍ଚା ଚାରି କିସମ ଥାଏ । **ପ୍ରଥମ** ଚର୍ଚ୍ଚା ନମାଜ୍, **ଦ୍ୱିତୀୟ** ଚର୍ଚ୍ଚା କୁରଆନ କରୀମ୍ ପଢ଼ିବା, **ତୃତୀୟ** ଚର୍ଚ୍ଚା ଅଲ୍ଲାଃତାଲାଙ୍କ ବିଶେଷ ଗୁଣାବଳୀ ସଂପର୍କରେ ବର୍ଣ୍ଣନା କରିବା ଏବଂ ତାହାଙ୍କ ସଂପର୍କରେ ଯୁକ୍ତି ତର୍କ ଏବଂ ସ୍ୱୀକାରୋକ୍ତି ପରିପ୍ରକାଶ କରିବା ଏବଂ ତାହାଙ୍କ ସମ୍ବନ୍ଧରେ ନିଜ ତୁଣ୍ଡରୁ ବର୍ଣ୍ଣନା କରିବା । **ଚତୁର୍ଥତଃ** ଅଲ୍ଲାଃତାଲାଙ୍କର ବିଶେଷ ଗୁଣାବଳୀକୁ ପୃଥକ ଭାବରେ, ଏକାନ୍ତରେ ବର୍ଣ୍ଣନା କରିବା, ଚିନ୍ତା କରିବା ଏବଂ ଲୋକଙ୍କ ନିକଟରେ ମଧ୍ୟରେ ଏହାର ପରିପ୍ରକାଶ କରିବା । ମକାମେ ମେହମୁଦ୍ (ପ୍ରଶଂସନୀୟ ସ୍ଥାନ) ପର୍ଯ୍ୟନ୍ତ ପହଞ୍ଚିଥିବା ବ୍ୟକ୍ତିମାନଙ୍କର ଚର୍ଚ୍ଚା କରି ଅର୍ଥାତ ନମାଜ୍ ତହଜ୍ଜୁଦ୍‌ର ନିୟମିତ ପାଠର ତାଗିଦ୍ ମଧ୍ୟ କରିଥିଲେ ଏବଂ ଏହାର ଅନିର୍ବାର୍ଯ୍ୟତା ଏବଂ ବ୍ୟବସ୍ଥାର ଦୁଇ ଦସମାଂଶରୁ ଉର୍ଦ୍ଧ୍ୱ ଉପାୟ ପ୍ରସଙ୍ଗରେ କହିଲେ ଯେ, ଆମେମାନେ କେଉଁଭଳି ଭାବରେ ନିୟମିତ ନମାଜ୍ ପାଠ କରିପାରିବା ଏବଂ ଏହିପରି ନମାଜ୍‌ରେ ନିଜର ଧ୍ୟାନକୁ କେନ୍ଦ୍ରୀଭୂତ କରି ରଖିବା । ଅଲ୍ଲାଃତାଲାଙ୍କର ଈଶ୍ୱରତ୍ୱ ବ୍ରହ୍ମାଣ୍ଡର ପ୍ରତ୍ୟେକ ବସ୍ତୁ ଉପରେ ବିସ୍ତାର ଲାଭ ତଥା ବ୍ୟାପୃତ ଲାଭ କରିଛି ।

୧୯୧୭ ମସିହା ଅକ୍ଟୋବର ମାସ ୯ ତାରିଖ ଦିନ ପଟିୟାଲା ଠାରେ ହ. ମୁସ୍‌ଲେହ୍ ମଓଉଦ୍ ର.ଅ ଜମାଅତ୍‌ର ଏକ ଜନସଭାକୁ ସମ୍ବୋଧିତ କରି ଏହି ଭାଷଣ ଦେଲେ, ଯାହାର ସାରାଂଶ ଏହି ପ୍ରକାର ଯେ, ଆପଣ ର.ଅ ଅଲ୍ଲାଃତାଲାଙ୍କର ଅସ୍ତିତ୍ୱ, ଇସ୍‌ଲାମ୍ ଏବଂ ପବିତ୍ର କୁରଆନ୍ କରୀମ୍‌ର ସତ୍ୟତା ଏବଂ ହ. ମସିହ୍ ମଓଉଦ୍ ଅ.ସଙ୍କ ସତ୍ୟତାକୁ ଅଲ୍ଲାଃତାଲାଙ୍କ ବିଶେଷ ଗୁଣାବଳୀ ଅର୍ଥାତ ଈଶ୍ୱରତ୍ୱ ମାଧ୍ୟମରେ ପ୍ରମାଣିତ କଲେ । ହୁଜୁର ର.ଅ କହିଲେ ଅଲ୍ଲାଃତାଲାଙ୍କର ବିଶେଷ ଗୁଣାବଳୀ ହିଁ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱର ସାକ୍ଷ୍ୟ ଏବଂ ପ୍ରମାଣ । ଅଲ୍ଲାଃତାଲାଙ୍କ ବିଶେଷ ଗୁଣାବଳୀ ଉପରେ ଧ୍ୟାନ ଦେବା ଏବଂ ସେହି ଶକ୍ତିଶାଳୀ ତଥା ବଳିଷ୍ଠ ଶକ୍ତିର ସାକ୍ଷ୍ୟ କରିବା ଦ୍ୱାରା, ଯାହାଙ୍କର ପ୍ରାଦୁର୍ଭାବ ସର୍ବଦା ହୋଇ ଆସୁଛି ବୋଲି ସ୍ୱୀକାର କରିବାକୁ ପଡ଼େ ଯେ, ଅବଶ୍ୟ **ଏକ ଶକ୍ତିଶାଳୀ, ପ୍ରଚଣ୍ଡ ଜ୍ଞାନୀ, ଅଶେଷ ଦୟାବାନ ଓ ସଦା କରୁଣାମୟ** ଅସ୍ତିତ୍ୱ ସର୍ବଦା ବିଦ୍ୟମାନ ରହିଛନ୍ତି ।

ପୁନଶ୍ଚ ହ. ମୁସ୍‌ଲେହ୍ ମଓଉଦ୍ ର.ଅଙ୍କର ଏକ ଅଭିଭାଷଣ ରହିଛି ଯାହାର ନାମ ହେଲା '**ଇସ୍‌ଲାମ୍‌ରେ ମତପାର୍ଥକ୍ୟର ପ୍ରାରମ୍ଭ**' ଯେଉଁ ଭାଷଣକୁ ଆପଣ ର.ଅ ୨୬ ଫେବୃୟାରୀ ୧୯୧୯ ମସିହାରେ ଲାହୋରର ଇସ୍‌ଲାମିୟା କଲେଜରେ ମର୍ଡନ ହିଷ୍ଟୋରିକାଲ୍ ସୋସାଇଟିର ଏହି ଅଧିବେଶନରେ ଦେଇଥିଲେ । ଇସ୍‌ଲାମ୍‌ରେ ମତପାର୍ଥକ୍ୟର ପ୍ରାଦୁର୍ଭାବ ରସୁଲ୍ କରୀମ୍ ସ.ଅଙ୍କ ବିୟୋଗର ଠିକ୍ ୧୫ ବର୍ଷ ପରେ ପଡ଼ିଥିଲା । ଏହା ଚିନ୍ତା କରାଯାଏ ଯେ, ଇସ୍‌ଲାମ୍‌ରେ ଉପଦ୍ରବର କାରଣ ଏହି ବଡ଼ ବଡ଼ ସାହାବାମାନେ ହିଁ ଥିଲେ ତାହା ସଂପୂର୍ଣ୍ଣ ରୂପେ ତ୍ରୁଟିପୂର୍ଣ୍ଣ ହେବ । ହୁଜୁର ଅନଓର୍ ର.ଅ ନିଜର ଗବେଷଣାତ୍ମକ ନିବନ୍ଧରେ ହ. ଉସ୍‌ମାନ୍ ର.ଅଙ୍କ ପ୍ରାରମ୍ଭିକ ଅବସ୍ଥା, ଆଁହଜ୍‌ରତ ସ.ଅଙ୍କ ଦୃଷ୍ଟିରେ ହଜ୍‌ରତ ଉସ୍‌ମାନ୍ ର.ଅଙ୍କ ଯେଉଁ ମର୍ଯ୍ୟାଦା ରହିଥିଲା ତାହା କ'ଣ ଥିଲା ଏବଂ ଇସ୍‌ଲାମ୍‌ରେ ଉପଦ୍ରବର ସୂତ୍ରପାତ କେଉଁଠାରୁ ଆରମ୍ଭ ହୋଇଥିଲା ? ଇସ୍‌ଲାମୀୟ ଖିଲାଫତ୍ ଏକ ଧାର୍ମିକ ବ୍ୟବସ୍ଥା ଥିଲା । ଅତଏବ ଅକାରଣରେ ସାହାବାମାନଙ୍କ ସଂପର୍କରେ କୁଧାରଣା ପୋଷଣ କରିବା ନିରର୍ଥକ ଅଟେ । ଏହା ଉପରେ ବିତର୍କ କରି ଉପଦ୍ରବର କାରଣମାନ ଏବଂ ହ. ଉସ୍‌ମାନ୍ ର.ଅଙ୍କ କାଳରେ ଏହାର ପ୍ରାରମ୍ଭ ହେବାର ଯେଉଁସବୁ କାରଣମାନ ଥିଲା ତାହା ବର୍ଣ୍ଣନା

କଲେ । ଉପଦ୍ରବର ସଂସ୍ଥାପକ ଅର୍ଥାତ ଖଳନାୟକ ଅବ୍‌ଦୁଲ୍ଲାଃ ବିନ୍ ସବାର ଅବସ୍ଥା ଓ ସେହି କାଳରେ କୁଫା, ବସ୍ରା, ସିରୀୟା ଏବଂ ସେଠାକାର ମୁସଲମାନମାନଙ୍କର ସାମୂହିକ ସ୍ୱଭାବ ଉପରେ ଆଲୋକପାତ କରିଥିଲେ ।

ଏହାର ପ୍ରଥମ ପ୍ରକାଶନରେ ଲାହୋରର ଇସ୍‌ଲାମିୟା ମହାବିଦ୍ୟାଳୟର ଅଧ୍ୟାପକ ସୟେଦ୍ ଅବ୍‌ଦୁଲ୍ କ୍ୱାଦିର୍ ସାହେବ୍ ଏମ.ଏ ମୁଖବନ୍ଧରେ ଏହି ଉଲ୍ଲେଖ କଲେ ଯେ, ଫାଜ଼ିଲ୍ (ବିଦ୍ୱାନ) ପିତାଙ୍କ ଫାଜ଼ିଲ୍ (ବିଦ୍ୱାନ୍) ସୁପୁତ୍ର ହ. ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ ସାହେବଙ୍କ ନାମ ଉକ୍ତ କଥାର ପ୍ରତିଭୂ ଯେ, ଉକ୍ତ ଭାଷଣଟି ଅତ୍ୟନ୍ତ ଜ୍ଞାନଗର୍ଭକ ଓ ଶିକ୍ଷାଭିତ୍ତିକ ଅଟେ । ସତ୍ୟ ତ' ଏହା ହିଁ ଯେ, ହ. ଉସ୍‌ମାନ୍ ର.ଅଙ୍କ ଶାସନର ଯେଉଁଭଳି ଭାବରେ ପ୍ରକୃତ ଇସ୍‌ଲାମୀୟ ଇତିହାସର ଅଧ୍ୟୟନ କରାଯାଏ ତାହାହେଲେ ଏହିଭଳି ବିଷୟ ଉପଦେଶମୂଳକ ଏବଂ ଆଦର୍ଶମୂଳକ ବୋଲି ଜଣାପଡ଼ିବ।

ସେହିପରି ହ. ମୁସଲେହ୍ ମଉଦ୍ ର.ଅଙ୍କ **'ତକ୍‌ଦିରେ ଇଲାହୀ'** ନାମକ ଅନ୍ୟ ଏକ ଭାଷଣ ରହିଛି ଯେଉଁ ଭାଷଣକୁ ଆପଣ ର.ଅ ୧୯୧୯ ମସିହା ଜଲ୍‌ସା ସାଲାନା ଅବସରରେ ମସ୍‌ଜିଦେ ନୁର୍ ଠାରେ ଉପସ୍ଥାପନ କରିଥିଲେ । ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ଉକ୍ତ ଉଦ୍‌ବୋଧନୀର ବିଭିନ୍ନ ଦୃଷ୍ଟାନ୍ତ ବର୍ଣ୍ଣନା କରି ଏ ସଂକ୍ରାନ୍ତରେ ହ. ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ) କହନ୍ତି ଯେ, ଏହି ଭାଷଣଟି ଜ୍ଞାନାତ୍ମକ କଥାର ଦୁଃସାହାସିକ କାର୍ଯ୍ୟ ଥିଲା । ବିଧିର ବିଧାନ ସମସ୍ୟାର ମହତ୍ତ୍ୱ ଏବଂ ଆଁହଜ଼ରତ ସ.ଅଙ୍କ ବାଣୀ ବର୍ଣ୍ଣନା କରିବା ପରେ ଆପଣ ର.ଅ ଉକ୍ତ ବିଷୟବସ୍ତୁ ଉପରେ ମତ ବ୍ୟକ୍ତ କରିଥିଲେ ଯେ, ଭାଗ୍ୟ ପ୍ରସଙ୍ଗ ଉପରେ ବିଶ୍ୱାସ ଏବଂ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ଆଣିବା ବିଧେୟ । ଏହା ପରେ ଆପଣ ର.ଅ ଭାଗ୍ୟର ବିଭିନ୍ନ ବିବାଦଗ୍ରସ୍ତ ଚିନ୍ତାଧାରା ଉପରେ ଯୁକ୍ତି କରି ଆଁହଜ଼ରତ ସ.ଅଙ୍କର କେତେକ ମୁଖ ନିସୃତ ବାଣୀରେ ସମାନତା ରକ୍ଷା କରିଥିଲେ ଏବଂ ଏହାପରେ ଭାଗ୍ୟ ପ୍ରସଙ୍ଗକୁ ନ ବୁଝିବା ଯୋଗୁଁ ମନୁଷ୍ୟ ଯେଉଁ ବଡ଼ ବଡ଼ ତ୍ରୁଟି କରିଥାଏ ଓ ଭ୍ରମିତ ହୋଇଥାଏ, ତାହାର ଚର୍ଚ୍ଚା କଲେ ପୁନଶ୍ଚ ଏକେଶ୍ୱରବାଦର ବିଶ୍ୱାସରେ ଭ୍ରାନ୍ତ ଧାରଣାକୁ ପରିପ୍ରକାଶ କରି ପବିତ୍ର କୁରଆନ୍ କରୀମ୍‌ର ୬ଟି ଆୟତରୁ ଅତ୍ୟନ୍ତ ସୂକ୍ଷ୍ମ ଏବଂ ଅକାଟ୍ୟ ପ୍ରମାଣ ଉପସ୍ଥାପିତ କରି ଉକ୍ତ ବିଶ୍ୱାସକୁ ଖଣ୍ଡନ କରିଥିଲେ । ଏତଦ୍‌ପରେ ଏହାର ଦ୍ୱିତୀୟ ଗହ୍ୱରତାକୁ ମଧ୍ୟ ଭୁଲ ବୋଲି ପ୍ରମାଣିତ କଲେ ଏବଂ ଏହି ଚିନ୍ତାଧାରାର ସପ୍ରମାଣେ ଖଣ୍ଡନ କଲେ ଯେ, ଈଶ୍ୱର କିଛି କରିପାରନ୍ତି ନାହିଁ ଏବଂ ଯାହା କିଛି ଅଛି ତାହା କେବଳ ଯୁକ୍ତି ଏବଂ ମନଗଢା ହିଁ ମାତ୍ର । ଐଶ୍ୱରିକି ଜ୍ଞାନ ଏବଂ ବିଧାତାଙ୍କ ଭାଗ୍ୟକୁ ପରସ୍ପର ମଧ୍ୟରେ ମିଶ୍ରଣ କରିବା ଫଳରେ ମନୁଷ୍ୟର ବିଚାର ଶକ୍ତି ଯେଉଁ ଭୁଲ୍ କରିଛି ତାହାକୁ ଅତ୍ୟନ୍ତ ଉତ୍ତମ ଢଙ୍ଗରେ ବିଶ୍ଳେଷଣ କରି ଉକ୍ତ ପ୍ରସଙ୍ଗକୁ ଅତ୍ୟନ୍ତ ଚମତ୍କୃତ ଭାବରେ ଦର୍ଶାଇଛନ୍ତି । ଭାଗ୍ୟର ଚର୍ଚ୍ଚାରେ ହ. ଖଲିଫା ରାବେ (ଚତୁର୍ଥ) ୭ଟି ଆଧ୍ୟାତ୍ମିକ ସ୍ଥାନ ସଂପର୍କରେ ଚର୍ଚ୍ଚା କରିଛନ୍ତି । ଏହି ଭାଗ୍ୟ ପ୍ରସଙ୍ଗକୁ ସଠିକ୍ ରୂପେ ହୃଦ୍‌ବୋଧ କରିବା ଦ୍ୱାରା ହିଁ ଉକ୍ତ ଅଭିଳାଷାକୁ ପୂର୍ଣ୍ଣ କରିବା ଫଳରେ ହିଁ ମନୁଷ୍ୟକୁ ତାହା ପ୍ରାପ୍ତ ହୋଇପାରିବ । ସେ ଯାହା ହେଉ ନା କାହିଁକି ତକ୍‌ଦିରେ ଇଲାହୀ ବିଷୟରେ ଅଧ୍ୟୟନ କରୁଥିବା ବ୍ୟକ୍ତିମାନେ ଯେଉଁ ପ୍ରଶ୍ନମାନ ପଚାରନ୍ତି ସେମାନଙ୍କୁ ଏହି ପୁସ୍ତକଟିକୁ ପାଠ କରିବା ଉଚିତ ।

ସେହିପରି ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଅନ୍ୟ ଏକ ଭାଷଣ ଯାହାର ନାମ **'ମଲାଏକତୁଲ୍ଲାଃ'** (ଈଶ୍ୱରଙ୍କ ଦୂତ) ଯାହାକୁ ଆପଣ ୧୯୨୦ ମସିହା ଡ଼ିସେମ୍ବର ମାସ ୨୦ ତାରିଖ ଦିନ ଦୁଇ ଦିନ ବ୍ୟାପୀ ବୈତୁନ୍ ନୁର୍ ଠାରେ ଦେଇଥିଲେ। ହୁଜୁର୍ ର.ଅ ପବିତ୍ର କୁରଆନ କରୀମ୍ ଅନୁଯାୟୀ ଈଶ୍ୱରଦୂତଙ୍କ ବାସ୍ତବତା ଏବଂ ଆବଶ୍ୟକତା ତଥା ପ୍ରୟୋଜନୀୟତା ସେହି ସମସ୍ତ ପ୍ରକାର ଏବଂ କର୍ତ୍ତବ୍ୟ ଏବଂ ସେବା ବ୍ୟତୀତ ଈଶ୍ୱରଦୂତଙ୍କ ଅସ୍ତିତ୍ୱ ଉପରେ ପ୍ରମାଣ ଏବଂ ତତସଂପର୍କିତ ସନ୍ଦେହ ଓ ଆପତ୍ତିଗୁଡ଼ିକର ସୁବିସ୍ତୃତ ଏବଂ ତର୍କପୂର୍ଣ୍ଣ ଉତ୍ତର ପ୍ରଦାନ କରିଥିଲେ । ପ୍ରବନ୍ଧର ଶେଷରେ ହୁଜୁର ର.ଅ ଈଶ୍ୱରଦୂତଙ୍କ ସହିତ ସଂପର୍କ ସୃଷ୍ଟି କରିବା ଏବଂ ସେମାନଙ୍କ ଠାରୁ ଉପକୃତ ହେବା ନିମନ୍ତେ ୮ଟି ମାଧ୍ୟମ ସଂପର୍କରେ ବର୍ଣ୍ଣନା କରିଛନ୍ତି ।

ପୁନଶ୍ଚ ୧୯୨୧ ମସିହାରେ ଆପଣ ର.ଅ **'ହସ୍ତି ବାରୀ ତାଲା'** ଉପରେ ଗବେଷଣାମୂଳକ ଏବଂ ଗୂଢ ରହସ୍ୟ ପୂର୍ଣ୍ଣ ଏବଂ ତତ୍ତ୍ୱଦର୍ଶୀମୂଳକ, ଜ୍ଞାନଗର୍ଭକ ଏକ ଭାଷଣ ଦେଇଥିଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ସଂପର୍କରେ ୮ଟି ପ୍ରମାଣ ଦେଇଥିଲେ ଏବଂ ଏହି ପ୍ରମାଣ ଉପରେ ସୃଷ୍ଟି ହେବାକୁ ଥିବା ଆପତ୍ତିର ଉତ୍ତର ମଧ୍ୟ ପ୍ରଦାନ କରିଥିଲେ । ଅଲ୍ଲାଃତାଲାଙ୍କ ବିଶେଷ ଗୁଣାବଳୀରୁ ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ଉପଲବ୍ଧ କରାଇବା ଏବଂ ଈଶ୍ୱରଙ୍କ ବିଭିନ୍ନ ଅସ୍ତିତ୍ୱର କିସମ ମଧ୍ୟ ବର୍ଣ୍ଣନା କରିଥିଲେ । ଅଲ୍ଲାଃତାଲାଙ୍କ ସଂପର୍କରେ ୟୁରୋପ ବାସୀଙ୍କ ଚିନ୍ତାଧାରା, ଜୋରାଷ୍ଟ୍ରୀୟଙ୍କ ଚିନ୍ତାଧାର, ହିନ୍ଦୁମାନଙ୍କର ଚିନ୍ତାଧାର ଏବଂ ଆର୍ଯ୍ୟମାନଙ୍କର ଚିନ୍ତାଧାରା, ବିପରୀତ ଇସ୍‌ଲାମ୍‌ର ଅଲ୍ଲାଃତାଲାଙ୍କ ସହିତ ଥିବା

ଶିକ୍ଷା ସମ୍ବନ୍ଧୀୟ ବିସ୍ତୃତ ତଥା ସମ୍ୟକ ବିବରଣୀ ପ୍ରଦାନ କରିଥିଲେ । ସେହିପରି ହୁଜୁର ର.ଅ ନିଜ ଭାଷଣରେ ଶିର୍କ (ଅଲ୍ଲାଃତାଲାଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା)ର ପରିଭାଷା ଏବଂ ପ୍ରଶଂସା ଓ ତାହାର ପ୍ରକାରଭେଦ ବର୍ଣ୍ଣନା କରି ତାହାକୁ ଖଣ୍ଡନ କଲେ ଏବଂ ଈଶ୍ୱରଙ୍କୁ ଦର୍ଶନ କରିବା ଏବଂ ତାହାଙ୍କ ଦର୍ଶନର ଯେଉଁ ସ୍ତର ରହିଛି ତାହାର ଉପକାର ଏବଂ ସେହି ପରଂବ୍ରହ୍ମ ପରମେଶ୍ୱରଙ୍କ ସାକ୍ଷାତ ଦର୍ଶନ ପ୍ରାପ୍ତି ନିମନ୍ତେ ମାଧ୍ୟମ ମଧ୍ୟ ବର୍ଣ୍ଣନା କରିଛନ୍ତି ।

ପୁନଶ୍ଚ ହ. ମୁସ୍‌ଲେହ୍ ମଉଦ୍ ର.ଅ ୧୯୨୧ ମସିହାରେ **'ତୋହଫା ଶାହଜ଼ାଦା ୱେଲସ୍'**ଙ୍କ ନାମରୁ ଏକ ପୁସ୍ତକ ରଚନା କରିଥିଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅ ଏହି ସଂକ୍ଷିପ୍ତମୂଳକ ଏବଂ ପାଣ୍ଡିତ୍ୱପୂର୍ଣ୍ଣ ସଂକଳନରେ କ୍ଷମତାଧାରୀ ସରକାରଙ୍କ ପ୍ରତି ବିଶ୍ୱସ୍ତତାର ପରିପ୍ରକାଶ ବ୍ୟତୀତ ଜମାଅତ୍ ଅହେଦମିୟାର ସଂସ୍ଥାପକ ହ. ଅକ୍‌ଦସ୍ ମସିହ୍ ମଉଦ୍ ଅ.ସଙ୍କ ସଂକ୍ଷିପ୍ତ ଅବସ୍ଥା ଏବଂ ଜମାଅତ୍ ଅହେମଦିୟାର ଶିକ୍ଷା, ଇତିହାସ ଏବଂ ଏହାର ସ୍ଥାପନା ଉଦ୍ଦେଶ୍ୟ ସଂପର୍କରେ ବର୍ଣ୍ଣନା କଲେ। ପରିଶେଷରେ ଆଁହଜ଼ରତ ସ.ଅଙ୍କ ପରଂପରାକୁ ଉଜ୍ଜୀବିତ ରଖିବା ପାଇଁ ବ୍ରିଟେନ୍‌ର ରାଣୀ ପର୍ଯ୍ୟନ୍ତ ଇସ୍‌ଲାମ୍‌ର ବାର୍ତ୍ତା ଅତ୍ୟନ୍ତ ପ୍ରଭାବଶାଳୀ ଢଙ୍ଗରେ ପହଞ୍ଚାଇ ତାଙ୍କୁ ଇସ୍‌ଲାମ୍ ଅଡ଼କୁ ଆମନ୍ତ୍ରିତ କରିଥିଲେ । ଏ ସଂକ୍ରାନ୍ତରେ ୱେଲସ୍‌ର ଯୁବରାଜଙ୍କ ଯେଉଁ ପ୍ରତିକ୍ରିୟା ରହିଥିଲା ଏବଂ ଯିଏ ପରବର୍ତ୍ତୀ ସମୟରେ ଏଡ଼ୱାର୍ଡ଼ ଅଷ୍ଟମ ବୋଲାଇଲେ ଏବଂ ମୁଁ ଯେପରି ଉପରେ କହିଲି କି ସେ ୧୯୩୬ ମସିହାରେ ଇଂଲଣ୍ଡର ସିଂହାସନରୁ ଗାଦିଚ୍ୟୁତ ହୋଇଥିଲେ । ସେ ଉକ୍ତ ଉପହାରକୁ ଅତ୍ୟନ୍ତ ସମ୍ମାନ ଓ ମହତ୍ୱ ଦୃଷ୍ଟିରେ ଦେଖିଥିଲେ ଏବଂ କେବଳ ନିଜର ମୁଖ୍ୟ ସଚିବଙ୍କ ମାଧ୍ୟମରେ କୃତଜ୍ଞତା ଜ୍ଞାପନ କରିଥିଲେ ତାହା ନୁହଁ ବରଂ ୧୯୨୨ ମସିହାରେ ଲାହୋର ଠାରୁ ଜାମ୍ମୁ ପର୍ଯ୍ୟନ୍ତ ଯାତ୍ରାରେ ଏହାକୁ ସଂପୂର୍ଣ୍ଣ ରୂପେ ଅଧ୍ୟୟନ କରି ଅତ୍ୟନ୍ତ ଆନନ୍ଦିତ ହେଲେ । ଯେପରିକି ପରବର୍ତ୍ତୀ ସୂଚନାନୁଯାୟୀ ଜଣା ପଡ଼ିଲା ଯେ, ଉକ୍ତ ପୁସ୍ତକକୁ ପଢୁ ପଢୁ କେତେକ ସ୍ଥାନରେ ତାଙ୍କର ମୁଖମଣ୍ଡଳ ଗୋଲାପ ପରି ହର୍ଷିତ ତଥା ପଲ୍ଲବିତ ହୋଇ ଉଠୁଥିଲା । ସେହିପରି ତାଙ୍କର ଏଡିକାଙ୍ଗ୍ ଏହା ମଧ୍ୟ କହିଲେ ଯେ, ସେମାନେ ପୁସ୍ତକ ପଢୁ ପଢୁ ଅକସ୍ମାତ ଛିଡ଼ା ହୋଇ ଯାଉଥିଲେ । ଅତଏବ ତାହାର କିଛି ସମୟ ପରେ ସେ ଶୁଦ୍ଧମନା ହୋଇ ଖ୍ରୀଷ୍ଟ ଧର୍ମ ପ୍ରତି ବିତୃଷ୍ଣା ଭାବ ପ୍ରକାଶ କଲେ । ସେହିପରି ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଅନ୍ୟ ଏକ ଭାଷଣ ଯାହାର ନାମ **'ଅହେମଦିୟତ୍ ଅର୍ଥାତ ପ୍ରକୃତ ଇସଲାମ୍'** ଯେଉଁ ଭାଷଣକୁ ଆପଣ ୧୯୨୪ ମସିହାରେ ୱେମ୍ବଲେ ସମ୍ମିଳନୀରେ ଦେଇଥିଲେ। ଉକ୍ତ ଭାଷଣର ସାରାଂଶ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଉପସ୍ଥିତିରେ ହ. ଚୌଧୁରୀ ମୁହମ୍ମଦ୍ ଜ଼ଫ୍ରୁଲ୍ଲାଃ ଖାନ୍ ସାହେବ ସମ୍ମିଳନୀରେ ପଢି ଶୁଣାଇଥିଲେ । ଉକ୍ତ ଭାଷଣଟି ଏଭଳି ଅଦ୍ୱିତୀୟ ଓ ଅଭିନବ ଥିଲା ଯେ, ଖ୍ରୀଷ୍ଟମାନଙ୍କର ବଡ଼ ବଡ଼ ନେତାମାନେ ମଧ୍ୟ ସହସା କହି ଉଠିଲେ ଯେ, ନିଃସନ୍ଦେହ ଉକ୍ତ ପ୍ରବନ୍ଧରେ ଯେଉଁ ଚିନ୍ତା ଓ ଚେତନା ବର୍ଣ୍ଣିତ ହୋଇଛି ତାହା ସଂସ୍କାରଧର୍ମୀ, ପ୍ରମାଣ ଏବଂ ନିଜର ସୌନ୍ଦର୍ଯ୍ୟତା ଏବଂ ବିଶେଷତା ଦୃଷ୍ଟିରୁ ଅଦ୍ୱିତୀୟ ଅଟେ ।

ହୁଜ଼ୁର ଅନୱର୍ ଅ.ବ କହିଲେ: ସେ ଯାହା ହେଉ ନା କାହିଁକି ଏ ହେଉଛି କେତୋଟି ଝଲକ ଯାହାକୁ ମୁଁ ଦେଖାଇଲି ତାହା ହ. ମୁସ୍‌ଲେହ୍ ମଉଦ୍ ର.ଅ ୧୮ ବର୍ଷରୁ ୩୫ ବର୍ଷ ପର୍ଯ୍ୟନ୍ତ ଜ୍ଞାନ ଓ ବୁଦ୍ଧିମତାର ମୋତି । ଯେପରି ମୁଁ କହିଲି ଯେ, ଏହି କଥାଗୁଡ଼ିକ ହେଉଛି ସେହି ବ୍ୟକ୍ତିଙ୍କର ଯିଏ କୌଣସି ସାଂସାରିକ ଶିକ୍ଷାରେ ପାଣ୍ଡିତ୍ୟ ଅର୍ଜନ କରି ନଥିଲେ । କିନ୍ତୁ ପେଶଗୋଇ ମୁସ୍‌ଲେହ୍ ମଉଦ୍  ର.ଅଙ୍କ ଗୋଟିଏ ବୈଶିଷ୍ଟ୍ୟ ଏହିକି ଯେ, ସେ ପ୍ରକାଶ୍ୟ ଓ ପ୍ରଚ୍ଛନ୍ନ ଜ୍ଞାନରେ ପୂରିତ ହୋଇଥିଲେ । ଏହା ଆଁହଜ଼ରତ ସ.ଅଙ୍କ ଭବିଷ୍ୟବାଣୀର ଓ ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତାର ଆଦି ନିଦର୍ଶନ ଅଟେ । ମୁଁ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସଂପର୍କରେ ଯାହାସବୁ ବର୍ଣ୍ଣନା କଲି ତାହା ୧୭ ବର୍ଷର ତରୁଣ ବୟସର କଥା କିମ୍ବା ଖିଲାଫତ୍‌ର କିଛି ପୂର୍ବ ଓ ପର କାଳର କଥା । ଏହା ହେଉଛି ୫୦ ଭାଗ ନୁହେଁ ବରଂ ୧୦୦ ଭାଗ କହିବା ଉଚିତ । ଅତଏବ ଏହି ଧାର୍ଯ୍ୟ ବିଧାନ ଯାହାକି ଯଥାସାଧ୍ୟ ରୂପେ ପ୍ରକାଶିତ ହୋଇ ଯାଇଛି, ଜମାଅତ୍‌ର ସଦସ୍ୟଙ୍କୁ ପଢିବା ଉଚିତ । ଅଲ୍ଲାଃତାଲା ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ପାକିସ୍ତାନର ପରିସ୍ଥିତି ପାଇଁ ମଧ୍ୟ ଦୁଆ କରନ୍ତୁ ଅଲ୍ଲାଃତାଲା ସେଠିକାର ଅହେମଦିମାନଙ୍କୁ ଶାନ୍ତି ଓ ସୌହାର୍ଦ୍ଦ୍ୟର ସହିତ ଜୀବନ ଅତିବାହିତ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ନିଜ କୃପା ବଳରେ ବିରୋଧୀମାନଙ୍କର ଆକ୍ରମଣ ଏବଂ କୁଯୋଜନାକୁ ପଣ୍ଡ କରି ଚୂର୍ଣ୍ଣିଭୂତ କରି ଦିଅନ୍ତୁ । ଆମିନ୍ ।

.......................

KHULASA KHUTBA JUMA HUZOOR ANWAR a.b.a
19th Feb. 2021